بسم الله الرحمٰن الرحيم

**ଖୁତ୍‌ବା ଜୁମା ୫ ଫେବୃଆରୀ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହଜ଼ରତ ଉସ୍‌ମାନ୍ ର.ଅଙ୍କ ଯୁଦ୍ଧ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ତନ୍ମଧ୍ୟରୁ ଗୋଟିଏ ଯୁଦ୍ଧ ଜ଼ାତୁର୍ ରିକାଆ ଅନ୍ୟତମ ଥିଲା । ନବୀ କରୀମ୍ ସ.ଅ ନଜଦ୍‌ରେ ଗତ୍‌ଫାନ୍ ସଂପ୍ରଦାୟର ବନୁ ସାଆଲ୍‌ବା ଏବଂ ବନୁ ମୁହାରିବ୍ ଉପରେ ଆକ୍ରମଣ କରିବା ପାଇଁ ସାହାବାମାନଙ୍କର ୪୦୦ ସଂଖ୍ୟା ବିଶିଷ୍ଟ ଦଳ ନେଇ ବାହାରିଥିଲେ । ଅନ୍ୟ ଏକ ବର୍ଣ୍ଣନାରେ ସାହାବାମାନଙ୍କର ୭୦୦ ସଂଖ୍ୟକ ବିଶିଷ୍ଟ ଦଳଙ୍କ ସହିତ ବାହାରିଥିଲେ । ମଦିନାରେ ହ. ଉସ୍‌ମାନ୍ ର.ଅଙ୍କୁ ଆପଣ ଅମୀର୍ ରୂପେ ନିଯୁକ୍ତ କରିଥିଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଅବୁ ଜ଼ର୍ ଗଫ୍ଫାରୀ ର.ଅଙ୍କୁ ଅମୀର୍ ରୂପେ ନିଯୁକ୍ତ କରିଥିଲେ । ଆଁହଜ଼ରତ ସ.ଅ ନଜଦ୍‌ରେ ନଖଲ୍ ନାମକ ସ୍ଥାନରେ ପହଞ୍ଚି ଯାହାକୁ ଜ଼ାତୁର୍ ରିକାଆ ବୋଲି କହନ୍ତି, ସେଠାରେ ଆପଣଙ୍କ ମୁକାବିଲା ପାଇଁ ଶତ୍ରୁ ପକ୍ଷର ବିଶାଳ ସୈନ୍ୟଦଳ ପ୍ରସ୍ତୁତ ରହିଥିଲା । ଉଭୟ ସୈନ୍ୟଦଳ ପରସ୍ପର ବିପକ୍ଷରେ ମୁହାମୁହିଁ ହୋଇଥିଲେ । କିନ୍ତୁ ଯୁଦ୍ଧ ହୋଇ ନଥିଲା ।

ତବୁକ୍ ଯୁଦ୍ଧ ପାଇଁ ହ. ଉସ୍‌ମାନ୍ ର.ଅଙ୍କୁ ଯେଉଁ ଆର୍ଥିକ ବଳିଦାନର ସୁଯୋଗ ପ୍ରାପ୍ତ ହୋଇଥିଲା ତତ୍‌ସଂକ୍ରାନ୍ତରେ ଏହିପରି ବର୍ଣ୍ଣନା ମିଳୁଛି ଯେ, ଉକ୍ତ ଯୁଦ୍ଧର ପ୍ରସ୍ତୁତି ପାଇଁ ଆଁହଜରତ ସ.ଅ ଯେତେବେଳେ ଆହ୍ୱାନ ଦେଲେ ସେତେବେଳେ ହ. ଉସ୍‌ମାନ୍ ର.ଅ ସିରିୟା ଅଭିମୁଖେ ବାଣିଜ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରିଥିବା ନିଜର ୧୦୦ ଗୋଟି ଓଟ, ସେଗୁଡ଼ିକର ପଲାଣ ସମେତ ଉପସ୍ଥାପିତ କରି ଦେଇଥିଲେ । ଯେତେବେଳେ ଆଁହଜ଼ରତ ସ.ଅ ପୁନର୍ବାର ଆହ୍ୱାନ ଜଣାଇଲେ ସେତେବେଳେ ଉକ୍ତ ଯୁଦ୍ଧର ଆବଶ୍ୟକତାକୁ ଦୃଷ୍ଟିରେ ରଖି ହ. ଉସ୍‌ମାନ୍ ର.ଅ ଅତିରିକ୍ତ ୧୦୦ ଗୋଟି ଓଟର ପଲାଣ ଓ ପାଲିଙ୍କି ସହିତ ପ୍ରସ୍ତୁତ କରି ଆଁହଜ଼ରତ ସ.ଅଙ୍କ ସେବାରେ ଅର୍ପଣ କରି ଦେଇଥିଲେ । ଆଁହଜ଼ରତ ସ.ଅ କହିଲେ **ମା' ଅଲ୍ ଉସ୍‌ମାନନ୍ ମା' ଅମିଲ୍ ବାଆଦା ହାଜ଼ିହ । ମା' ଅଲ୍ ଉସ୍‌ମାନନ୍ ମା' ଅମିଲ୍ ବାଆଦା ହାଜ଼ିହ** । ଏହାପରେ ଉସ୍‌ମାନ୍ ଯାହା ବି କରିବେ ସେଥିରେ ତାଙ୍କର କୌଣସି ଧରପକଡ଼ ହେବ ନାହିଁ । ଏହା ବ୍ୟତୀତ ହ. ଉସ୍‌ମାନ୍ ର.ଅ ୨୦୦ ଔକିୟା ସ୍ୱର୍ଣ୍ଣ ମୁଦ୍ରା ଆଁହଜ଼ରତ ସ.ଅଙ୍କୁ ଭେଟ ସ୍ୱରୂପ ଦେଇଥିଲେ । ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉସ୍‌ମାନ୍ ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆଁହଜ଼ରତ ସ.ଅଙ୍କୁ ୧୦୦୦ ଦିନାର ଦାନ ଦେଇଥିଲେ । ଯାହାକି ଆଁହଜ଼ରତ ସ.ଅଙ୍କ ମୁଣିରେ ଦିନାର୍‌ଗୁଡ଼ିକ ଓଲଟ ପାଲଟ ହୋଇ ପଡୁଥିଲା ଏବଂ ଆଁହଜ଼ରତ ସ.ଅ କହିଲେ **ମା' ଜ଼ର୍‌ରା ଉସ୍‌ମାନା ମା' ଅମିଲ୍ ବାଆଦଲ୍ ୟୌମ୍** । ଆଜିର ଦିବସ ପରେ ଉସ୍‌ମାନ୍ ଯାହା ବି କରିବେ ସେଥିରେ ତାଙ୍କୁ କୌଣସି ହାନୀ ପହଞ୍ଚିବ ନାହିଁ । ଏକ ବର୍ଣ୍ଣନାନୁଯାୟୀ ଉକ୍ତ ଅବସରରେ ଯେତେବେଳେ ହ. ଉସ୍‌ମାନ୍ ର.ଅ ୧୦,୦୦୦ ଦିନାର ଦାନ କଲେ ସେତେବେଳେ ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ପାଇଁ ଏହି ପ୍ରାର୍ଥନା କଲେ ଯେ, ହେ ଉସ୍‌ମାନ୍ ! ତୁମେ ଯାହାକିଛି ଗୁପ୍ତ ଭାବରେ ଏବଂ ପ୍ରାକାଶ୍ୟରେ କରିଛ, ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହାତ ରହିବ ଏଥିପାଇଁ ଅଲ୍ଲାଃତାଲା ତୁମ ପ୍ରତି ସଦୟ ହୁଅନ୍ତୁ ।

ଏହାପରେ ତୁମେ ଯାହା ବି କରିବ ସେଥିରେ ତୁମକୁ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ । ଏକ ବର୍ଣ୍ଣନାନୁଯାୟୀ ହ. ଉସ୍‌ମାନ୍ ର.ଅ ଯୁଦ୍ଧ ପ୍ରସ୍ତୁତି ପାଇଁ ୧୦୦୦ ଓଟ ଏବଂ ୭୦ ସଂଖ୍ୟକ ଅଶ୍ୱ ପ୍ରଦାନ କରିଥିଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଆଁହଜ଼ରତ ସ.ଅ ଉକ୍ତ ଅବସରରେ ହ. ଉସ୍‌ମାନ୍ ର.ଅଙ୍କୁ କହିଲେ, ହେ ଉସ୍‌ମାନ୍ ! ତୁମେ ଯାହାକିଛି ପ୍ରକାଶ୍ୟ ଓ ଗୁପ୍ତ ରୂପେ ଦାନ କରିଛ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ । ଏହି କାର୍ଯ୍ୟ ପରେ ତୁମେ  ଯାହା କରିବ ଅଲ୍ଲାଃତାଲା ତାହାର ଖାତିର କରିବେ ନାହିଁ ଅର୍ଥାତ ତୁମର ସମସ୍ତ ଦୋଷତ୍ରୁଟିକୁ କ୍ଷମା କରିଦେବେ । ଏକ ବର୍ଣ୍ଣନାନୁଯାୟୀ ଉକ୍ତ ଅବସରରେ ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ସପକ୍ଷରେ ଏହି ଦୁଆ କଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ଉସ୍‌ମାନ୍‌ଙ୍କ ଉପରେ ପ୍ରସନ୍ନ ହୋଇଯାଅ । କାରଣ ମୁଁ ତାଙ୍କ ଉପରେ ପ୍ରସନ୍ନିତ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ରସୁଲ୍ କରୀମ୍ ସ.ଅ ବାହାରକୁ ଆସିଲେ ଏବଂ କହିଲେ ଯେ, ଆମର ସୈନ୍ୟଦଳ ଅମକ ଅଭିଯାନକୁ ଯିବ କିନ୍ତୁ ବିଶ୍ୱାସକାରୀଙ୍କ ନିକଟରେ କୌଣସି ବସ୍ତୁ ଏବଂ ଯୁଦ୍ଧ ସରଞ୍ଜାମ ଉପଲବ୍ଧ ନାହିଁ, ତୁମମାନଙ୍କ ମଧ୍ୟରୁ କେହି ଅଛନ୍ତି ଯିଏ ପୁଣ୍ୟ ପ୍ରାପ୍ତିର ଇଚ୍ଛୁକ ? ହ. ଉସ୍‌ମାନ୍ ର.ଅ ଏହା ଶୁଣିବା ମାତ୍ରେ ଉଠିଲେ ଏବଂ ନିଜର ସଞ୍ଚିତ ଧନ ସମ୍ପତ୍ତି କାଢି ଆଣି ସେହି ଅର୍ଥକୁ ମୁସଲମାନମାନଙ୍କ ଖର୍ଚ୍ଚ ପାଇଁ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥାପିତ କରିଥିଲେ । ଆଁହଜ଼ରତ ସ.ଅ ଏହା ଦେଖି କହିଲେ, ଉସ୍‌ମାନ୍ ସ୍ୱର୍ଗ କ୍ରୟ କରି ନେଲେ । ଏହିପରି ଏକ କୂପ ବିକ୍ରି ହେଉଥିଲା, ସେତେବେଳେ ମୁସଲମାନମାନେ ଜଳର ଘୋର ସମସ୍ୟାର ସମ୍ମୁଖୀନ ଥଲେ, ତେଣୁ ଆଁହଜ଼ରତ ସ.ଅ ଉକ୍ତ ଅବସରରେ କହିଲେ ତୁମମମାନଙ୍କ ମଧ୍ୟରୁ ଏପରି କେହି ବ୍ୟକ୍ତି ଅଛନ୍ତି ଯିଏ ପୁଣ୍ୟ ପ୍ରାପ୍ତି କରିବେ ? ହ.ଉସ୍‌ମାନ୍ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଉପସ୍ଥିତ ଅଛି, ମୁଁ ଉପସ୍ଥିତ ଅଛି । ଅତଏବ ହ. ଉସ୍‌ମାନ୍ ର.ଅ ସେହି କୂପକୁ କ୍ରୟ କରି ମୁସଲମାନମାନଙ୍କ ପାଇଁ ଅର୍ପଣ କରିଦେଲେ । ରସୁଲ୍ କରୀମ୍ ସ.ଅ ପୁନଶ୍ଚ କହିଲେ, ଉସ୍‌ମାନ୍ ର.ଅ ସ୍ୱର୍ଗ କ୍ରୟ କରି ନେଇଛନ୍ତି । ଏହିପରି ଏକ ଅବସରରେ ଆଁହଜ଼ରତ ସ.ଅ ହ. ଉସମାନ ର.ଅଙ୍କ ସଂପର୍କରେ ଏହିପରି ଶବ୍ଦ ଆବୃତ୍ତି କରିଥିଲେ। ଅତଏବ ଏପରି ତିନିଥର ଅବସର ଆସିଛି ଯେଉଁଥିରେ ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ସଂପର୍କରେ କହିଲେ ଯେ, ସେ ସ୍ୱର୍ଗ କ୍ରୟ କରି ନେଇଛନ୍ତି । ଏକଦା ଆଁହଜ଼ରତ ସ.ଅ କହିଲେ, ହେ ଉସ୍‌ମାନ୍ ! ଅଲ୍ଲାଃତାଲା ତୁମକୁ ଏକ ବସ୍ତ୍ର ପରିଧାନ କରାଇବେ, କପଟ ବିଶ୍ୱାସୀମାନେ ଏହା ଚାହିଁବେ ଯେ, ତୁମର ସେହି ବସ୍ତ୍ରକୁ ଓହ୍ଲାଇ ଦେବେ, କିନ୍ତୁ ତୁମେ ସେହି ବସ୍ତ୍ରକୁ ଓହ୍ଲାଇବ ନାହିଁ ।

ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍ ଶାସନରେ ହ. ଉସ୍‌ମାନ୍ ର.ଅ ଶୁରାର ସେହି ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ, ଯାହାଙ୍କ ଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରାମର୍ଶ ନିଆଯାଉଥିଲା । ଯେତେବେଳେ ହ. ଉସ୍‌ମାନ୍ ର.ଅ ହ. ଅବୁ ବକ୍କର୍ ର.ଅଙ୍କ ଧର୍ମଭ୍ରଷ୍ଟମୂଳକ ଉପଦ୍ରବର ମୁକାବିଲା କରି ତାହାକୁ ମୂଳୋତ୍ପାଟନ କରିଥିଲେ ସେତେବେଳେ ରୋମ୍ ଉପରେ ଚଢାଉ କରି ଏବଂ ବିଭିନ୍ନ ଦିଗରେ ଧର୍ମଯୋଦ୍ଧାଙ୍କୁ ପ୍ରେରଣ କରିବାର ଅଭିଳାଷା ବ୍ୟକ୍ତ କରିଥିଲେ ଏବଂ ଏ ଦିଗରେ ଲୋକମାନଙ୍କ ଠାରୁ ଯେତେବେଳେ ପରାମର୍ଶ ଲୋଡ଼ିଲେ ସେତେବେଳେ ହ. ଉସ୍‌ମାନ୍ ର.ଅ କହିଲେ ଯେ, ମୁଁ ହେଉଛି ଏହି ଧର୍ମାବଲମ୍ବୀଙ୍କର ଶୁଭେଚ୍ଛୁ ଏବଂ ଦୟାଳୁ । ଅତଏବ ସେ ଯେଉଁ ନିର୍ଣ୍ଣୟକୁ ସାଧାରଣ ଜନତାଙ୍କ ଲାଗି ଲାଭଦାୟକ ବୋଲି ମନେ କରୁଥିଲେ, ତାହା ଉପରେ କାର୍ଯ୍ୟାନୁସରଣ କରିବା ପାଇଁ ଦୃଢ ସଂକଳ୍ପ କରିବା ପାଇଁ ପ୍ରବର୍ତ୍ତାଉ ଥିଲେ । କାରଣ ତାଙ୍କ ସଂପର୍କରେ କୌଣସି କୁଧାରଣା ଆକଳନ କରାଯାଇ ପାରିବ ନାହିଁ । ଅତଏବ ବଡ଼ ବଡ଼ ସହାବାମାନେ ଓ ସେହି ସଭାରେ ଉପସ୍ଥିତ ଅନ୍‌ସାର୍ ତଥା ପ୍ରବାସକାରୀମାନେ ସମସ୍ତେ ଗୋଟିଏ ସ୍ୱରରେ କହିଲେ ହ. ଉସ୍‌ମାନ୍ ର.ଅ ସତ୍ୟ କହିଛନ୍ତି । ଆପଣ ଯାହା ଉଚିତ୍ ମଣୁଛନ୍ତି ତାହା କରନ୍ତୁ । ଆମେ ନା ଆପଣଙ୍କର ବିରୋଧ କରିବୁ ଓ ନା ହିଁ ଆମେମାନେ ଆପଣଙ୍କ ଉପରେ କୌଣସି ଲାଞ୍ଛନ ଲଗାଇବୁ । ଯେତେବେଳେ ହଜ଼ରତ ଅବୁ ବକ୍କର୍ ର.ଅ ନିଜର ସାହାବାମାନଙ୍କ ସହିତ ପରାମର୍ଶ କଲେ ଯେ, ହ. ଆୱାନ୍ ବିନ୍ ସଇଦଙ୍କ ପରେ କାହାକୁ ବାହାରେନ୍‌ର ଗଭର୍ଣ୍ଣର ନିଯୁକ୍ତ କରି ପ୍ରେରଣ କରାଯିବ ? ସେତେବେଳେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ କହିଲେ, ସେହି ବ୍ୟକ୍ତିକୁ ପ୍ରେରଣ କରନ୍ତୁ ଯାହାକୁ ଆଁହଜ଼ରତ ସ.ଅ ବାହାରେନ୍‌ବାସୀଙ୍କ ଉପରେ ଗଭର୍ଣ୍ଣର ନିଯୁକ୍ତ କରିଥିଲେ ଏବଂ ସେ ତାଙ୍କର ଇସ୍‌ଲାମ୍ ଧର୍ମ ଗ୍ରହଣ ଏବଂ ଆଜ୍ଞାନୁବର୍ତ୍ତିତାର କାରଣ ସାଜିଥିଲେ ଏବଂ ସେ ସେହି ଲୋକମାନଙ୍କୁ ଏବଂ ସେହି ଅଞ୍ଚଳ ଓ ଆମମାନଙ୍କ ସହିତ ଭଲ ଭାବରେ ପରିଚିତ

ଅଟନ୍ତି, ସେ ହେଉଛନ୍ତି ଅଲା ବିନ୍ ହଜ୍‌ରମି । ବସ୍ତୁତଃ ହ. ଅବୁ ବକ୍କର୍ ର.ଅ ଅଲା ବିନ୍ ହଜ୍‌ରମୀଙ୍କୁ ବାହାରେନ୍ ପ୍ରେରଣ କରିବା ପାଇଁ ସହମତି ପ୍ରକାଶ କରିଥିଲେ ।

ହଜ୍‌ରତ ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ,ଏକଦା ମଦିନାରେ ଦୁର୍ଭିକ୍ଷ ଦେଖା ଦେଇଥିଲା । ସେହି ଦିନ ମାନଙ୍କରେ ହ. ଉସ୍‌ମାନ୍ ର.ଅଙ୍କ ୧୦୦ ସଂଖ୍ୟକ ବାଣିଜ୍ୟକ ଦଳ ଗହମ କିମ୍ବା ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଓଟ ଉପରେ ଲଦି ସିରିୟାରୁ ମଦିନାରେ ପହଞ୍ଚିଲା । ଲୋକମାନେ ହ. ଉସ୍‌ମାନ୍ ର.ଅଙ୍କ ଦୁଆରେ ଉପସ୍ଥିତ ହୋଇ ଫେରଦା କଲେ କି ଆପଣ ଏହାକୁ ଆମମାନଙ୍କ ନିକଟରେ ବିକ୍ରି କରି ଦିଅନ୍ତୁ । କାରଣ ଆମେମାନେ ଏହାକୁ ଗରିବ ଏବଂ ଅଭାବିମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେବୁ । ହ. ଉସ୍‌ମାନ୍ ର.ଅ କହିଲେ ମୋତେ ଏହାଠୁ ଅଧିକ ଲାଭ ମିଳୁଛି । ଏଥିରେ ସେମାନେ କହିଲେ ଆମେ ୧୦ ବଦଳରେ ୧୫ ଦିର୍‌ହମ୍ ଦେଇଦେବୁ । ହ. ଉସ୍‌ମାନ୍ ର.ଅ କହିଲେ ମୋତେ ତାହାଠୁ ବି ଅଧିକ ଲାଭ ମିଳୁଛି । ହ. ଉସ୍‌ମାନ୍ ର.ଅ କହିଲେ ଅଲ୍ଲାଃତାଲା ମୋତେ ପ୍ରତ୍ୟେକ ଦିର୍‌ହମ୍ ମୁଦ୍ରା ବଦଳରେ ଦଶ ଗୁଣା ଅଧିକ ଲାଭ ଦେଉଛନ୍ତି । କ'ଣ ଆପଣମାନେ ମୋତେ ଏହାଠୁ ଅଧିକ ଦେଇ ପାରିବେ ? ସେମାନେ କହିଲେ ନା । ପ୍ରତ୍ୟୁତ୍ତରରେ ହ. ଉସ୍‌ମାନ୍ ର.ଅ କହିଲେ ମୁଁ ଅଲ୍ଲାଃତାଲାଙ୍କୁ ସାକ୍ଷ୍ୟ ରଖି ଏହି ଖାଦ୍ୟଶସ୍ୟକୁ ମୁସଲମାନମାନଙ୍କର ଦରିଦ୍ର ଓ ଅଭାବି ବ୍ୟକ୍ତିଙ୍କ ସକାଶେ ଦାନ ଦେଉଛି । ହ. ଇବ୍‌ନେ ଅବ୍‌ବାସ୍ ର.ଅ କହନ୍ତି ଯେ, ମୁଁ ସେହି ରାତ୍ରରେ ରସୁଲୁଲ୍ଲାଃ ସ.ଅଙ୍କୁ ସ୍ୱପ୍ନରେ ଦେଖିଲି । ଆପଣ ଏକ ଅଣ ଆରବୀୟ ଅଶ୍ୱ ଉପରେ ଆରୋହଣ କରିଥିଲେ । ଆପଣଙ୍କ ଉପରେ ଆଲୋକର ପୋଷାକ ବିଚ୍ଛୁରିତ ହେଉଥିଲା ଏବଂ ଆପଣଙ୍କ ପାଦରେ ପ୍ରକାଶମୟ ଜୋତା ରହିଥିଲା, ହାତରେ ଜ୍ୟୋତିର୍ମୟ ବାଡ଼ି ଥିଲା ଏବଂ ଆପଣ ଚଳଚଞ୍ଚଳ ଓ ବ୍ୟସ୍ତ ରହିଥିଲେ । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣ ଓ ଆପଣଙ୍କ ସହିତ ବାର୍ତ୍ତାଳାପ କରିବାକୁ ଇଚ୍ଛୁକ । ଆପଣ ଏତେ ଶୀଘ୍ର କୁଆଡ଼େ ଯାଉଛନ୍ତି ? ଆଁହଜ୍‌ରତ ସ.ଅ କହିଲେ ହେ ଇବ୍‌ନେ ଅବ୍‌ବାସ୍ ! ଉସ୍‌ମାନ୍ ର.ଅ ଗୋଟିଏ ସଦ୍‌କ୍ବା (ଦାନ) କରିଛନ୍ତି ଏବଂ ଅଲ୍ଲାଃତାଲା ତାହାକୁ ସ୍ୱୀକାର କରି ନେଇଛନ୍ତି ଏବଂ ସ୍ୱର୍ଗରେ ତାଙ୍କର ବିବାହ ହୋଇଛି ଏବଂ ଆମମାନଙ୍କୁ ତାଙ୍କ ବିବାହରେ ଆମନ୍ତ୍ରିତ କରାଯାଇଛି ।

ହ. ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ ସଂପର୍କରେ ଆଁହଜ୍‌ରତ ସ.ଅଙ୍କ ଏକ ଭବିଷ୍ୟବାଣୀ ମଧ୍ୟ ରହିଛି, ହଜ୍‌ରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଆଜି ରାତ୍ରରେ ମୁଁ ଜଣେ ପୁଣ୍ୟବାନ ବ୍ୟକ୍ତିକୁ ସ୍ୱପ୍ନରେ ଦେଖିଲି ଯେ, ହ. ଅବୁ ବକ୍କର ର.ଅଙ୍କୁ ଆଁହଜ୍‌ରତ ସ.ଅଙ୍କ ସହିତ ଯୋଡ଼ି ଦିଆଯାଇଛି ଏବଂ ହ. ଉମର୍ ର.ଅଙ୍କୁ ହ. ଅବୁ ବକ୍କର୍ ର.ଅଙ୍କ ସହିତ ଯୋଡ଼ି ଦିଆଯାଇଛି ଏବଂ ହ. ଉସ୍‌ମାନ୍ ର.ଅଙ୍କୁ ଉମର୍ ର.ଅଙ୍କ ସହିତ ଯୋଡ଼ି ଦିଆଯାଇଛି । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଯେତେବେଳେ ଆଁହଜ୍‌ରତ ସ.ଅଙ୍କ ପାଖରୁ ଉଠି ଚାଲି ଆସିଲୁ ସେତେବେଳେ ଆମେମାନେ କହିଲୁ ଯେ, ପବିତ୍ର ଓ ସତ୍‌ପୁରଷ ବ୍ୟକ୍ତିରୁ ଯଥାର୍ଥ ରସୁଲ୍ କରୀମ୍ ସ.ଅ ଅଟନ୍ତି ଏବଂ ଜଣକୁ ଜଣକ ସହିତ ଯୋଡ଼ିବାରେ ଯଥାର୍ଥ ଏହିମାନେ ହିଁ ଭବିଷ୍ୟତରେ ଇସ୍‌ଲାମ୍‌ର ମୁଖିଆ ହେବେ, ଯାହାଙ୍କ ସହିତ ଅଲ୍ଲାଃତାଲା ନିଜ ପ୍ରିୟ ନବୀ କରୀମ୍ ସ.ଅଙ୍କୁ ଅବତୀର୍ଣ୍ଣ କରିଛନ୍ତି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ହ.ଉମର୍ ର.ଅଙ୍କ ବିୟୋଗ ଏବଂ ହ. ଉସ୍‌ମାନ୍ ର.ଅଙ୍କ ଖଲିଫା ନିର୍ବାଚିତ ହେବା ପ୍ରସଙ୍ଗରେ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହ. ଉମର୍ ର.ଅ ଆହତ ହେଲେ ଏବଂ ଆପଣ ଏହା ଅନୁଭବ କଲେ ଯେ, ତାଙ୍କର ଶେଷ ସମୟ ଆସିଯାଇଛି ସେତେବେଳେ ସେ ୬ ଜଣ ବ୍ୟକ୍ତିଙ୍କ ସଂପର୍କରେ ୱସିୟତ୍ କଲେ ଯେ, ସେମାନେ ନିଜ ମଧ୍ୟରୁ ଜଣଙ୍କୁ ଖଲିଫା ରୂପେ ନିର୍ବାଚିତ କରି ନିଅନ୍ତୁ । ସେହି ୬ ଜଣ ବ୍ୟକ୍ତିମାନେ ଯଥାକ୍ରମେ ହେଲେ:- ହ. ଉସମାନ୍, ହ. ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍, ହଜ୍‌ରତ ସାଆଦ୍ ବିନ୍ ୱକ୍କାସ୍, ହ. ଜୁବୈର, ହ. ତଲ୍‌ହା । ତତ୍‌ସହିତ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କୁ ମଧ୍ୟ ଆପଣ ଉକ୍ତ ପରାମର୍ଶରେ ସାମିଲ୍ କରିବା ପାଇଁ ନିଯୁକ୍ତ କରିଥିଲେ । କିନ୍ତୁ ଖିଲାଫତ୍‌ର ଅଧିକାରୀ ହେବାକୁ ଦେଲେ ନାହିଁ ।

ଅଲ୍ଲାମା ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ୨୩ ହିଜ୍‌ରୀ ଜୁଲ୍ ହଜ୍ଜା ମାସ ୨୯ ତାରିଖ ଦିନ ଅର୍ଥାତ ସୋମବାର ଦିନ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କର ବୈଅତ୍ କରାଯାଇଥିଲା । ଯେତେବେଳେ ହ. ଉସ୍‌ମାନ୍ ର.ଅ ଖଲିଫା ଭାବରେ ନିର୍ବାଚିତ ହେଲେ ସେତେବେଳେ ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ କହିଲେ, ଆମେ ଅବଶିଷ୍ଟ

ରହିଯାଇ ଥିବା ଲୋକମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତିଙ୍କୁ ନିର୍ବାଚିତ କରିଛୁ ଏବଂ ଆମେମାନେ ଉକ୍ତ ନିର୍ବାଚନୀରେ କୌଣସି ଅବହେଳା ପ୍ରଦର୍ଶନ କରି ନାହୁଁ ।

ବଦର୍ ବିନ୍ ଉସ୍‌ମାନ୍ ନିଜର ଚଚାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଶୁରାର ସଦସ୍ୟଗଣ ହ. ଉସ୍‌ମାନ୍ ର.ଅଙ୍କର ବୈଅତ୍ କରିନେଲେ ସେତେବେଳେ ଆପଣ ଏହିପରି ଅବସ୍ଥାରେ ବାହାରକୁ ବାହାରିଲେ ଯେପରି ଆପଣ ସେହି ସମସ୍ତଙ୍କ ତୁଳନାରେ ସର୍ବାଧିକ ଦୁଃଖିତ ଓ ବ୍ୟଥିତ ଥିଲେ । ଏହାପରେ ଆପଣ ରସୁଲ୍ କରୀମ୍ ସ.ଅଙ୍କ ମଞ୍ଚ ଉପରକୁ ଆସିଲେ ଏବଂ ଲୋକମାନଙ୍କୁ ଉଦ୍‌ବୋଧନ ଦେଲେ । ଆପଣ ର.ଅ ଅଲ୍ଲାଃତାଲାଙ୍କର ପ୍ରଶଂସା ଏବଂ ମହିମା ଗାନ କଲେ ତଥା ନବୀ କରୀମ୍ ସ.ଅଙ୍କ ଉପରେ ଦରୁଦ୍ ଶରୀଫ୍ ପାଠ କରି କହିଲେ, ନିଃସନ୍ଦେହ ରୂପେ ତୁମେମାନେ ଏଭଳି ଏକ ଗୃହରେ ରହିଛ ଯେଉଁ ଗୃହକୁ ପରିତ୍ୟାଗ କରି ଯିବା ଅର୍ଥାତ ଏହି ସଂସାରକୁ ଏବଂ ତୁମେମାନେ ଜୀବନର ଶେଷ ଭାଗରେ ରହିଛ । ଅତଏବ ମୃତ୍ୟୁ ପୂର୍ବରୁ ଯଥାସମ୍ଭବ ପୂଣ୍ୟ କାମ କରିପାରୁଛ କରିନିଅ । ନିଃସନ୍ଦେହ ମୃତ୍ୟୁର କୁଣ୍ଡଳୀରେ ତୁମେମାନେ ଆବଦ୍ଧ ରହିଛ ଏବଂ ଏହି ଶତ୍ରୁ ସକାଳ ସନ୍ଧ୍ୟାରେ ତୁମ ଉପରେ ଆକ୍ରମଣ କରିବାକୁ ଅପେକ୍ଷାରତ ରହିଛି । ସାବଧାନ ! ନିଃସନ୍ଦେହ ଏହି ସଂସାର ଛଳନା ଏବଂ ଧୂର୍ତ୍ତତା ଏବଂ ଚପଳାମୀରେ ପରିପୂର୍ଣ୍ଣ । ଅତଏବ ତୁମକୁ ଏହି ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ମୋହମାୟା ପ୍ରତାଡ଼ିତ କରି ନଦେଉ ଏବଂ ଅଲ୍ଲାଃତାଲାଙ୍କ ସଂପର୍କରେ ପ୍ରତାରକ ଶୈତାନ୍ ତୁମମାନଙ୍କୁ କଦାପି ପ୍ରତାଡ଼ିତ ନକରୁ । ପୂର୍ବଜମାନଙ୍କ ଠାରୁ ଶିକ୍ଷା ପ୍ରାପ୍ତ କର ଏବଂ ପୁନଶ୍ଚ ଆପ୍ରାଣ ଉଦ୍ୟମ କର ଏବଂ ଆଶ୍ୱସ୍ତ ହୋଇ ବସିପଡ଼ ନାହିଁ । କାରଣ ଅଲ୍ଲାଃତାଲା ତୁମମାନଙ୍କ ଠାରୁ ଅବଚେତନ ନାହାନ୍ତି । ସେହି ସାଂସାରିକ ବ୍ୟକ୍ତି ଓ ସେମାନଙ୍କର ଭାଇମାନେ କେଉଁଠି ଅଛନ୍ତି ଯେଉଁମାନେ ଭୂମିକୁ ଫାଡିଲେ ଏବଂ ଏହାକୁ ବସତି ଯୋଗ୍ୟ କଲେ ଏବଂ ଦୀର୍ଘ ସମୟ ଧରି ତହିଁରୁ ଉପକୃତ ହେଲେ । କ'ଣ ସେ ତାଙ୍କୁ ବାହାରକୁ ବାହାର କରି ଫିଙ୍ଗି ଦେଇ ନାହିଁ । ଅତଏବ ତୁମେ ମଧ୍ୟ ସଂସାରକୁ ସେଠାରେ ଫିଙ୍ଗିଦିଅ ଯେଁଉଠି ଅଲ୍ଲାଃତାଲା ତାହାକୁ ଫିଙ୍ଗି ଦେଇଛନ୍ତି ଏବଂ ପରିଣାମର ଅଭିଳାଷୀ ହୁଅ ।

ହଜ଼ରତ ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ଯେଉଁ ବିଜୟଗୁଡ଼ିକ ହୋଇଥିଲା ତାହାର ଚର୍ଚ୍ଚା ମଧ୍ୟ କରିଦେଉଛି, ଯେଉଁ ସାହାବାମାନଙ୍କ ଦ୍ୱାରା ଅଲ୍ଲାଃତାଲା ମୁସଲମାନମାନଙ୍କୁ ଜୟଯୁକ୍ତ କରିଥିଲେ । ଯଥା- ଆଫ୍ରିକା ବିଜୟ ଏବଂ ଉପଦ୍ୱୀପ ଓ ମରକ୍କୋ ଆଦି ଅଞ୍ଚଳ ଅନ୍ତର୍ଭୁକ୍ତ ଅଟେ । ଉନ୍ଦୁଲୁସ୍, ସ୍ପେନ୍ ବିଜୟ ୨୭ ହିଜରୀରେ, କ୍ବ୍‌ରିସ୍ ସାଇପ୍ରସ୍ ବିଜୟ ୨୮ ହିଜରୀରେ, ତିବ୍ରିସ୍ତାନ ବିଜୟ ୩୦ ହିଜରୀରେ, ସୱାରୀ, ଆର୍ମାନିୟା, ଖରାସାନ୍ ବିଜୟ ୩୧ ହିଜରୀରେ, ରୋମ୍ ଅଭିମୁଖେ ଯାତ୍ରା, ତାଲିଫତାନ୍, ଖରିୟାବ୍, ଜୱାଜ଼ାନ୍, ତୁଖାରିସ୍ତାନ ଆଦି ବିଜୟ ଅନ୍ତର୍ଭୁକ୍ତ ଅଟେ । ବଲଖ୍ ଖରାଦ୍ ଅଭିଯାନ ୩୨ ହିଜରୀରେ ହୋଇଥିଲା, ଏହା ବ୍ୟତୀତ ଏହି କଥାର ଚର୍ଚ୍ଚା ମଧ୍ୟ ମିଳେ ଯେ, ହ. ଉସ୍‌ମାନ୍ ର.ଅଙ୍କ ଶାସନ କାଳରେ ହିନ୍ଦୁସ୍ତାନରେ ଇସ୍‌ଲାମ୍‌ର ଆଗମନ ହୋଇଥିଲା ।

ଖୁତ୍‌ବାର ଶେଷ ପର୍ଯ୍ୟାୟରେ ହୁଜୁର ଅନୱର୍ ଅ.ବ କହିଲେ : ଆଜି ମଧ୍ୟ ମୁଁ ଦୁଆ କରିବା ପ୍ରତି ଆପଣମାନଙ୍କର ଧ୍ୟାନାକର୍ଷଣ କରିବାକୁ ଚାହୁଁଛି । ଆପଣମାନେ ପାକିସ୍ତାନ୍‌ରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ବିଶେଷ ଭାବରେ ଦୁଆ କରନ୍ତୁ । ଅଲ୍ଲାଃତାଲା ପାକିସ୍ତାନର ପରିସ୍ଥିତିରେ ସୁଧାର ଆଣନ୍ତୁ । ପାକିସ୍ତାନ୍‌ରେ ବସବାସ କରୁଥିବା ଅହେମଦିମାନଙ୍କୁ ମଧ୍ୟ ଦୁଆ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ନିଜର ସଂସ୍କାର କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେମାନେ ଅଲ୍ଲାଃତାଲାଙ୍କ ସହିତ ଦୃଢ ସଂପର୍କ ସ୍ଥାପନ କରନ୍ତୁ ଏବଂ ଅଲ୍ଲାଃତାଲା ଯଥାଶୀଘ୍ର ଏହି ଅନ୍ଧକାରମୟ ଦିନକୁ ଦୂରୀଭୂତ କରି ଆଲୋକମୟ ଦିବସ ଘେନି ଆଣନ୍ତୁ ଏବଂ ସେଠାକାର ଅହେମଦିଙ୍କୁ ସ୍ୱାଧୀନତାର ସହିତ ନିଜର କର୍ତ୍ତବ୍ୟ ନିର୍ବାହ କରୁଥିବାର ଦିନ ଆମମାନଙ୍କୁ ଦେଖିବାକୁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

.........................

**KHULASA KHUTBA JUMA HUZOOR ANWAR a.b.a**

**5th Feb. 2021**